## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ

# ‘ଶିକ୍ଷାର ବିକାଶ ପାଇଁ ସଚେତନତା ଲୋଡ଼ା’

ଭୁବନେଶ୍ୱର,୧୦।୬(ମ.ପ୍ର)-ରାଜ୍ୟ ତଥା ଦେଶର ଦୁର୍ଗମ ଅଞ୍ଚଳରେ ଥିବା କଲେଜଗୁଡ଼ିକରେ ଅଧ୍ୟାପକଙ୍କ ଅଭାବ ରହିଥିବାବେଳେ ଜଣେ ଇତିହାସ ଅଧ୍ୟାପକ ପଦାର୍ଥ ବିଜ୍ଞାନ ବିଷୟ ପଢ଼ାଉଥିବା ପରିଲକ୍ଷିତ ହେଉଛି। ଫଳରେ ଦୁର୍ଗମ ତଥା ଗ୍ରାମାଞ୍ଚଳରେ ଏବେ ମଧ୍ୟ ଉଚ୍ଚ ଶିକ୍ଷା ଅପହଞ୍ଚ ହୋଇ ରହିଛି। ଏସବୁ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ବ୍ୟାପକ ଜନ ସଚେତନତା ଲୋଡ଼ା। କଲେଜଗୁଡ଼ିକର ଭିତ୍ତିଭୂମିର ବିକାଶ କରି ଶିକ୍ଷାର ମାନରେ ଉନ୍ନତି ଅଣାଯାଇପାରିବ ନାହିଁ। ଏଥିପାଇଁ ଖାଲିଥିବା ପଦପୂରଣ ସାଙ୍ଗକୁ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ନେଇ ଗୁରୁତ୍ୱ ଦିଆଯିବା ଦରକାର ବୋଲି ଉତ୍କଳ ଅଡିଟୋରିୟମ୍‌ରେ ଆୟୋଜିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସର ମୁଖ୍ୟଅତିଥି ଇନ୍ଦିରାଗାନ୍ଧି ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏଚ୍.ପି.ଦୀକ୍ଷିତ୍ କହିଛନ୍ତି। ସମ୍ପ୍ରତି ଆତ୍ମନିଯୁକ୍ତି ଓ ଉଚ୍ଚ ଶିକ୍ଷା ଆହରଣ କ୍ଷେତ୍ରରେ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ନିର୍ବାହ କରୁଛି।



ଉତ୍ସବର ଉଦ୍‌ଘାଟନୀ ଅଧିବେଶନ

ପ୍ରତିଷ୍ଠା ଦିବସର ସ୍ମାରକୀ ବକ୍ତୃତା ପ୍ରଦାନ କରି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ଦାସ କହିଥିଲେ ଯେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ରାଜ୍ୟରେ ଉଚ୍ଚଶିକ୍ଷାର ମାନ ବୃଦ୍ଧିରେ ସହାୟ ହେବ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକୃଷ୍ଣ ଦେବ ରାଓ କହିଥିଲେ ଯେ ଉଚ୍ଚଶିକ୍ଷାର ନିରନ୍ତର ବିକାଶରେ ଦୂର ନିରନ୍ତର ଶିକ୍ଷା ପ୍ରମୁଖ ଭୂମିକା ନିର୍ବାହ କରିଛି। ଉଚ୍ଚଶିକ୍ଷା ଆହରଣ ପାଇଁ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ଏହା ପୂରଣ କରିପାରିବ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଏଥିପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିବ। ବିଜେବି ସ୍ୱୟଂଶାସିତ କଲେଜରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କ୍ୟାମ୍ପ ଅଫିସ୍ ରହିଛି ବୋଲି କୁଳପତି ପ୍ରଫେସର ମହାପାତ୍ର କହିଥିଲେ। ଏହି ଅବସରରେ ‘ୟୁନିଭର୍ସିଟି ପ୍ରୋଫାଇଲ୍’ ଏବଂ ବିଶ୍ୱବିଦ୍ୟାଳୟର ଲୋଗୋ ଉନ୍ମୋଚିତ ହୋଇଥିଲା।

ଉତ୍ସବରେ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟର ଶିକ୍ଷାକ୍ଷେତ୍ରରେ ପ୍ରଥମ ‘ଇଣ୍ଟରନେଟ୍ ରେଡିଓ’ର ଶୁଭ ଉନ୍ମୋଚନ କରାଯାଇଛି। ‘ପ୍ରଜ୍ଞାବାଣୀ’ ନାମକ ଏହି ‘ଇଣ୍ଟରନେଟ୍ ରେଡିଓ’ ବିଶ୍ୱବିଦ୍ୟାଳୟ ପ୍ରଦାନ କରୁଥିବା ସମସ୍ତ ବିଷୟ ଏଥିରେ ଉପଲବ୍ଧ ହେଉଛି। ଯେ କୌଣସି ଛାତ୍ରଛାତ୍ରୀ ସାରା ବିଶ୍ୱର କୌଣସି ଅଞ୍ଚଳରେ ରହି ମଧ୍ୟ ଏହାକୁ ଶୁଣି ପାରିବେ। ଇଣ୍ଟରନେଟ୍‌ରେ www.pragynavani.com ବ୍ରାଉଜ୍ କରି ଏହାକୁ ଶୁଣି ହେବ।